## ଜିଲା ଛାତ୍ର ବିଜେଡି ସମ୍ପାଦକ ନିଲମ୍ବିତ

ତିର୍ତ୍ତୋଲ,(ଡି.ଏନ.ଏ.): ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଜିଲା ଛାତ୍ର ବିଜେଡି ସମ୍ପାଦକ ତଥା ତିର୍ତ୍ତୋଲ ବ୍ଲକ ନାଉସିରା ଗ୍ରାମର ରାକେଶ ରୋଶନ ସେଠୀଙ୍କୁ ପଦରୁ ନିଲମ୍ବିତ କରାଯାଇଛି। ଏନେଇ ଜିଲା ସଭାପତି ସମିତ୍ କୁମାର ଲେଙ୍କା (ଚିଠି ନଂ. ବିସିଜେଡି/ଜେଏସ୍‌ପି/୨୨-୦୧)ରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଏବଂ ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଅବଗତ କରାଯାଇଛି ବୋଲି ଲେଙ୍କା କହିଛନ୍ତି। ଏ ପ୍ରସଙ୍ଗରେ ରାକେଶ କହିଛନ୍ତି, ତିର୍ତ୍ତୋଲ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥିତ୍ୱକୁ ନେଇ ସେ ଅସନ୍ତୋଷବ୍ୟକ୍ତ କରିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ନିର୍ବାଚନ ଉପରେ ପ୍ରଭାବ ପକାଇବ।

## ସଂକ୍ଷେପରେ

### ଚାକିରି ନାଁରେ ଟଙ୍କା ଆଦାୟ ଅଭିଯୋଗ:୨ ଗିରଫ

ପାରାଦୀପ,୨୦।୧(ସ୍ୱ.ପ୍ର.): ପାରାଦୀପ ବନ୍ଦର ପିଆଇସିଟି(ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) ପ୍ରକଳ୍ପରେ ଚାକିରି କରାଇଦେବା ନାଁରେ ଟଙ୍କା ଆଦାୟ ଅଭିଯୋଗ ହୋଇଛି। ମଧୁବନ ଅଞ୍ଚଳର ପ୍ରଭୁଶଙ୍କର ରାଉତଙ୍କ ଅଭିଯୋଗକ୍ରମେ ପାରାଦୀପ ଆଦର୍ଶ ଥାନା ପୋଲିସ ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ବିଶ୍ୱଜିତ୍ ବଳ ଓ ସୁଶାନ୍ତ ବଳ। ଗତବର୍ଷ ନଭେମ୍ବରରେ ରାଉତଙ୍କୁ ପିଆଇସିଟି ପ୍ରକଳ୍ପରେ ଚାକିରି କରାଇଦେବା ପ୍ରତିଶ୍ରୁତି ଦେଇ ଉଭୟ ଅଭିଯୁକ୍ତ ଲକ୍ଷେ ଟଙ୍କା ନେଇଯାଇଥିଲେ। କିନ୍ତୁ ଚାକିରି ନ ମିଳିବାରୁ ରାଉତ ଟଙ୍କା ଫେରାଇବାକୁ କହିଥିଲେ। ମାତ୍ର ଦୁଇ ଭାଇ ଟଙ୍କା ନ ଫେରାଇବାରୁ ରାଉତ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୧/୨୨) ରୁଜୁ କରିଛି।

### ବିଜେଡିରୁ ଗତିକୃଷ୍ଣଙ୍କ ଇସ୍ତଫା

କୁଜଙ୍ଗ,୨୦।୧(ଡି.ଏନ୍.ଏ.): କୁଜଙ୍ଗ ଅଞ୍ଚଳର ବିଜେଡି ନେତା ଗତିକୃଷ୍ଣ ଶତପଥୀ ଗୁରୁବାର ଦଳରୁ ଇସ୍ତଫା ଦେଇଛନ୍ତି। ଏହି ଇସ୍ତଫାପତ୍ର ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଦେଇଛନ୍ତି ବୋଲି ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି କହିଛନ୍ତି। ଲୋକଙ୍କ କାମ କରିବା ପାଇଁ ଯେଉଁ ଆଶାଭରସା ନେଇ ସେ ଦଳରେ ଯୋଗଦେଇଥିଲେ ତାହା ତଳସ୍ତରର ରାଜନେତା ଓ ପ୍ରଶାସନର ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ ଯୋଗୁ ସମ୍ଭବ ନୁହେଁ। ଏଣିକି ଲୋକଙ୍କ ସମସ୍ୟାସହ ଜଡିତ ହୋଇ ସାମାଜିକ କାର୍ଯ୍ୟ କରିବେ ବୋଲି ଗତିକୃଷ୍ଣ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ଢିଙ୍କିଆରେ ପୋଲିସର ଲାଠିଚାର୍ଜ ଘଟଣାକୁ ନିନ୍ଦା କରିଥିବା ବେଳେ ସ୍ଥାନୀୟ ଲୋକଙ୍କ କର୍ମନିଯୁକ୍ତିକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଖବରଦାତା ସମ୍ମିଳନୀରେ ସାମାଜିକକର୍ମୀ ମାନସ କର ଓ ବଲ୍ଲଭ କର ଉପସ୍ଥିତ ଥିଲେ। ପୂର୍ବରୁ ଗତିକୃଷ୍ଣ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ବିଜେଡିରେ ଯୋଗଦେଇଥିଲେ।

### ପଞ୍ଚାୟତ ନିର୍ବାଚନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଯୋଗଦାନ

ଜଗତ୍‌ସିଂହପୁର ଅଫିସ,୨୦।୧: ଜଗତ୍‌ସିଂହପୁର ଜିଲାରେ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ପଞ୍ଚାୟତ ନିର୍ବାଚନ ତଦାରଖ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିର୍ମାଣ ବିଭାଗ ଅତିରିକ୍ତ ଶାସନ ସଚିବ ବିମଳେନ୍ଦୁ ରାୟଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଗୁରୁବାର ଜଗତ୍‌ସିଂହପୁରରେ ପହଞ୍ଚିବା ପରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାରୁଲ ପଟୱାରିଙ୍କୁ ସାକ୍ଷାତ କରି ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ସମୟରେ ଜିଲାର ବରିଷ୍ଠ ଅଧିକାରୀ ଯଥା ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ ଓ ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଲି ପ୍ରମୁଖ ଉପସ୍ଥିତ ଥିଲେ। ରାୟ ସ୍ଥାନୀୟ ସର୍କିଟ ହାଉସ ପରିସରର ଅବସ୍ଥାନ କରୁଥିବାବେଳେ ନିର୍ବାଚନ ସମ୍ବନ୍ଧୀୟ ଆପତ୍ତି ଓ ଅଭିଯୋଗ ନିମନ୍ତେ ତାଙ୍କ ମୋବାଇଲ ସଂଖ୍ୟା ୯୪୩୭୦୮୫୫୫୬ରେ ଯୋଗାଯୋଗ କରିବାକୁ ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

### ନୋଟାରିଙ୍କ ଲାଇସେନ୍ସ ବୈଧତା ନେଇ ଅଭିଯୋଗ

#### ପ୍ରାର୍ଥୀଙ୍କ ସତ୍ୟପାଠ ନେଇ ପ୍ରଶ୍ନବାଚୀ

ପଟ୍ଟାମୁଣ୍ଡାଇ,୨୦।୧(ସ୍ୱ.ପ୍ର.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ୱାର୍ଡସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟ ପାଇଁ ପ୍ରାର୍ଥୀମାନେ ବିଭିନ୍ନ ନୋଟାରି ଆଇନଜୀବୀଙ୍କ ନିକଟରେ ସତ୍ୟପାଠ କରିଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇର ଜଣେ ନୋଟାରୀ ଆଇନଜୀବୀଙ୍କ ଲାଇସେନ୍ସ ବୈଧତା ନେଇ ପଟ୍ଟାମୁଣ୍ଡାଇ ବିଡିଓଙ୍କ ନିକଟରେ ଆଇନଜୀବୀ ଏ.କେ. ସିଂହ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡ଼ା ନୋଟାରୀ ଲାଇସେନ୍ସର ବୈଧତା ନେଇ ସନ୍ଦେହ ପ୍ରକଟ କରିବା ସହ ଉପରିସ୍ଥ ଅଫିସରଙ୍କୁ ଜଣାଇଛନ୍ତି। ହାଇକୋର୍ଟ ବାର କାଉନସିଲ୍ ଆଇନଜୀବୀମାନଙ୍କୁ ଲାଇସେନ୍ସ ପ୍ରଦାନ କରୁଥିବା ବେଳେ ସରକାର ନୋଟାରୀ ଲାଇସେନ୍ସ ପ୍ରଦାନ କରିଥାନ୍ତି। ଏହି ଲାଇସେନ୍ସ ବୈଧତା ତର୍ଜମା ପରେ ଜଣାପଡିବ ବୋଲି ବିଡିଓ ପରିଡା କହିଛନ୍ତି। ଯେଉଁ ନୋଟାରୀଙ୍କ ପାଖରେ ପ୍ରାର୍ଥୀ ସତ୍ୟପାଠ କରି ନାମାଙ୍କନ ପତ୍ର ଦାଖଲ କରିଛନ୍ତି, ଏବେ ସେମାନଙ୍କ ମନରେ ଆଶଙ୍କା ଦେଖାଦେଇଛି।

# ସମସ୍ତଙ୍କ ନଜରରେ ବରୀ, ବଡ଼ଚଣା

## ପଞ୍ଚାୟତ ନିର୍ବାଚନ

ଯାଜପୁର ଅଫିସ,୨୦।୧

ସାଧାରଣ ନିର୍ବାଚନ କଥା ଦେଖିଲେ ୨୦୧୪ ଅପେକ୍ଷା ୨୦୧୯ରେ ଯାଜପୁର ଜିଲାରେ ୧୩.୨୧% ଭୋଟର ସଂଖ୍ୟା ବୃଦ୍ଧି ପାଇଥିଲା। ତଥାପି ବିଜେଡିକୁ ଏକ ପ୍ରକାର ଚ୍ୟାଲେଞ୍ଜ ଦେବାରେ ଭାଜପା ସଫଳ ହୋଇଥିଲା। ଜିଲାର ସମସ୍ତ ୭ଟି ବିଧାନସଭା ଆସନ ବିଜେଡି ଅକ୍ତିଆର କରିଥିଲେ ହେଁ ଭବିଷ୍ୟତ ପାଇଁ ସତର୍କ ଘଣ୍ଟି ହୋଇଥିଲା। ବରୀ ଓ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଯଥାକ୍ରମେ ୪,୦୬୨ ଓ ୧୪୮୫ ଭୋଟ ବ୍ୟବଧାନରେ ହାରଜିତ ହୋଇଥିଲା। ଏହି ଦୃଷ୍ଟିରୁ ବରୀ ଓ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଏଥର ଜିଲା ପରିଷଦ ନିର୍ବାଚନରେ କଡ଼ା ଟକ୍କର ହେବା ସମ୍ଭାବନା ରହିଛି। ବରୀର ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ନିକଟରେ ବିଜେଡିରେ ଯୋଗଦେବା ପରେ ଡବଲ ଇଞ୍ଜିନ ଭଳି ପ୍ରଚାର ହେଉଥିବା କୁହାଯାଉଛି। ଅନ୍ୟପକ୍ଷେ ସଚେତନ ଭୋଟର ଦଳଡିଆଁଙ୍କୁ ସହଜେ ଗ୍ରହଣ କରିବେ କି ନାହିଁ ତାହା ସନ୍ଦିହାନ ରହିଥିବାରୁ ବିଜେଡି ପାଇଁ କଣ୍ଟା ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷେ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଗତ ସାଧାରଣ ନିର୍ବାଚନରେ ଖୁବ କମ୍ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବା ଭାଜପାର ଅମର ନାଏକ ନିର୍ବାଚନ ସରିବା ପରେ ବଡଚଣା ଅଞ୍ଚଳରେ ଆଉ ତାଙ୍କର ଦେଖା ମିଳିନାହିଁ। ଏପରି କି ଜିଲା ପରିଷଦ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ମଧ୍ୟ ସେ ସାମିଲ ହୋଇନାହାନ୍ତି। ତେଣୁ ଏଠାରେ ବିଜେଡି ଏକତରଫା ଭାବେ ପ୍ରଚାର ଚଳାଇଥିବା ଦେଖିବାକୁ ମିଳିଛି।

ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଜିଲାରେ ଦ୍ୱିତୀୟ ଦଳ ଭାବେ ଉଭା ହୋଇଥିଲା। ସେବେଠାରୁ ବିଜେଡି ନିଜର ରଣନୀତି ପ୍ରସ୍ତୁତ କରିଥିଲା। ବିଭିନ୍ନ ଲୋକହିତକର ଯୋଜନା ସମେତ ପଦଯାତ୍ରା କରି ଲୋକଙ୍କ ନିକଟତର ହୋଇ ପାରିଥିଲା। କିନ୍ତୁ ଅଧିକାଂଶ ଭାଜପା ନେତା ଓ କର୍ମୀ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱା ଉପରେ ଭରସା କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଥିଲେ। ଜିଲାରେ ହୋଇଥିବା ବିଭିନ୍ନ ଦୁର୍ନୀତି, ଅନିୟମିତତା, ଅବହେଳା, ସ୍ଥାନୀୟ ନିଯୁକ୍ତି ଆଦି ପ୍ରସଙ୍ଗରେ ପ୍ରଭାବୀ ଢଙ୍ଗରେ ପ୍ରତିବାଦ କରି ପାରି ନ ଥିଲେ। ତଥାପି ଜିଲାରେ ରହିଥିବା ଶାସକ ବିରୋଧୀ ସ୍ଥିତି ଯୋଗୁ ଭାଜପା ୪୦.୫% ଭୋଟ ହାତେଇ ପାରିଥିଲା।







୨୦୧୭ ପଞ୍ଚାୟତ ନିର୍ବାଚନରେ ବରୀ ନିର୍ବାଚନମଣ୍ଡଳୀର ବରୀ ବ୍ଲକରେ ବିଜେଡିକୁ ୪୦,୩୩୧ ଓ ଭାଜପାକୁ ୪୩,୮୨୮ ଭୋଟ ମିଳିଥିଲା। ୨୩ ଓ ୨୪ ନମ୍ବର ଜିଲା ପରିଷଦ ଜୋନ ଭାଜପା ହାତେଇଥିବାବେଳେ ୨୧ ଓ ୨୨ ନମ୍ବର ଜୋନକୁ ବିଜେଡି ଅକ୍ତିଆର କରିଥିଲା। ପଞ୍ଚାୟତ ସମିତି ଅଧକ୍ଷା ପଦବୀ ଭାଜପା ସମର୍ଥିତ ପ୍ରାର୍ଥୀ ପାଇ ପାରିଥିଲେ। ତେଣୁ ୨୦୧୯ ସାଧାରଣ ନିର୍ବାଚନରେ ବିଧାୟକ ଦେବାଶିଷ ନାୟକ ବିଜେଡିରୁ ଟିକେଟ ହରାଇଥିଲେ। ସେତେବେଳେ ଭାଜପାର ସମିତି ଅଧକ୍ଷା ରହିଥିବା ସୁନନ୍ଦା ଦାସଙ୍କୁ ବିଜେଡି ଟିକେଟ ମିଳିଥିଲା ଏବଂ ବିଧାୟିକା ନିର୍ବାଚିତ ହୋଇଥିଲେ। ସୁନନ୍ଦା ଏଠାରେ ୭୨,୫୫୯ ଓ ଭାଜପାର ବିଶ୍ୱରଞ୍ଜନ ୬୮,୪୯୭ ଭୋଟ ପାଇଥିଲେ। ଇତିମଧ୍ୟରେ ବିଜେଡି ସହ ବିଶ୍ୱରଞ୍ଜନ ମିଶି ଯାଇଥିବାରୁ ସମୀକରଣ ବଦଳିଯାଇଛି । ତେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଏବେ ଗୋଟିଏ ଦଳରେ ରହି ପ୍ରଚାର କରୁଛନ୍ତି। କିନ୍ତୁ ଉଭୟଙ୍କ ରଣନୀତି ସମାନ୍ତରାଳ ଭାବେ ଗତିକରୁଥିବାରୁ ଭୋଟର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ବଡ଼ଚଣା ନିର୍ବାଚନମଣ୍ଡଳୀରେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ୬୩,୨୬୬, ଭାଜପା ୩୦,୨୧୬ ଓ କଂଗ୍ରେସକୁ ୨୭,୬୮୧ ଭୋଟ ମିଳିଥିଲା। ଏଠାରେ ସମସ୍ତ ୫ ଜିଲା ପରିଷଦ ଆସନ ବିଜେଡି ହାତକୁ ଯାଇଥିଲା। ବିଧାୟକ ଅମରପ୍ରସାଦ ଶତପଥୀଙ୍କ ଗୋଟିଚାଳନା ଏଠାରେ କାମକୁ ଆସିଥିଲା। ତଥାପି ଏଠାରେ ଭାଜପା ଦ୍ୱିତୀୟ ଦଳ ଭାବେ ଉଭା ହେବା ବିଜେଡିକୁ ଚିନ୍ତିତ କରିଥିଲା। ଏପରି କି ଗତ ସାଧାରଣ ନିର୍ବାଚନରେ ଭାଜପାର ଲୋକପ୍ରିୟତା ପ୍ରତିଫଳିତ ହୋଇଥିଲା। ବିଧାୟକ ଶତପଥୀ ୬୪,୦୮୪ ଓ ଭାଜପାର ଅମର ନାଏକ ୬୨,୫୯୯ ଭୋଟ ପାଇଥିଲେ। ଏହି ଫଳାଫଳ ବିଜେଡିକୁ ଶକ୍ତ ଧକ୍କା ଲାଗିଥିଲା। ତେଣୁ ଚଳିତ ପଞ୍ଚାୟତ ନିର୍ବାଚନରେ ଏଠାରେ ବିଜେଡି ନିଜର ସମସ୍ତ ବଳ ଲଗାଇବାକୁ ପ୍ରସ୍ତୁତି ଚଳାଇଛି ବୋଲି ଆଲୋଚନା ହେଉଛି।

ଭାଜପା ଜିଲା ସଭାପତି ଗୌତମ ରାୟ କହିଛନ୍ତି, ବରୀ ବ୍ଲକରେ ୨୦୧୭ ପଞ୍ଚାୟତ ନିର୍ବାଚନ ସରିବା ପରେ ବିଶ୍ୱରଞ୍ଜନ ମଲ୍ଲିକ ସ୍ୱାଧୀନରୁ ଭାଜପାରେ ଯୋଗଦେଇଥିଲେ। ସେତେବେଳେ ତାଙ୍କ ଅନୁପସ୍ଥିତିରେ ଭାଜପା ୪୩ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇଥିଲା। ଚଳିତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଶ୍ୱରଞ୍ଜନ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ତେଣୁ ତାଙ୍କର ଅନୁପସ୍ଥିତି ଚଳିତ ନିର୍ବାଚନରେ କୌଣସି ପ୍ରଭାବ ପଡିବ ନାହିଁ। ହୁଏତ ସାଂଗଠନିକ ଦୃଷ୍ଟିକୋଣରୁ ଭାଜପା ଉପରେ କିଛିଟା ପ୍ରଭାବ ପଡ଼ିପାରେ। ବରୀ ଭୋଟର ବହୁତ ସଚେତନ। ଭାଜପାକୁ ସମର୍ଥନ କରୁଥିବା ଭୋଟର କେବେ ବି ପରିବର୍ତ୍ତନ ହେବେ ନାହିଁ ବୋଲି ଆଶା ରଖିଛନ୍ତି। ବଡଚଣା ବ୍ଲକରେ ଅମର ନାଏକ ନିର୍ବାଚନ ପରିଚାଳନାର ନେତୃତ୍ୱ ନେଉଛନ୍ତି। ତାଙ୍କର ଉପସ୍ଥିତି ଭାଜପାକୁ ବହୁତ ବଳ ଯୋଗାଇଛି ବୋଲି ରାୟ କହିଛନ୍ତି।

ଅନ୍ୟପକ୍ଷେ ବରୀ, ବଡଚଣା ବ୍ଲକରେ ବିଜେଡି ଓ ଭାଜପାର ନେତା ଏବଂ କର୍ମୀମାନେ ଏଥର ସମସ୍ତ ରେକର୍ଡ ଭାଙ୍ଗିବାକୁ ଯତ୍ନବାନ ହେଉଛନ୍ତି ବୋଲି ମତପ୍ରକାଶ ପାଇଛି। କଂଗ୍ରେସ ମଧ୍ୟ ନିଜର ସ୍ଥିତି ସୁଧାରିବାରେ ଲାଗିଛି ବୋଲି କର୍ମୀମାନେ ପ୍ରକାଶ କରିଛନ୍ତି।

## ଚତୁର୍ଥ ଦିନରେ ୧୪୬୯ ପ୍ରାର୍ଥୀପତ୍ର ଦାଖଲ

ଜଗତ୍‌ସିଂହପୁର ଅଫିସ, ୨୦।୧

ଜଗତ୍‌ସିଂହପୁର ଜିଲାରେ ଗୁରୁବାର ୧୪୬୯ ଜଣ ପ୍ରାର୍ଥୀ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜିଲାପରିଷଦ ପଦବୀ ପାଇଁ ୧୯ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଏରସମା ୧ ନଂ ଜୋନ୍, ଏରସମା ୩, କୁଜଙ୍ଗ ୨, କୁଜଙ୍ଗ ୪, ଜଗତ୍‌ସିଂହପୁର ୧, ବାଲିକୁଦା ୨, ବାଲିକୁଦା ୪, ବିରିଡ଼ି ୧, ରଘୁନାଥପୁର ୧ ଓ ରଘୁନାଥପୁର ୨ ନଂ. ଜୋନରୁ ଜଣେ ଲେଖାଏ ରହିଛନ୍ତି। ସେହିପରି ତିର୍ତ୍ତୋଲ ୪, ବାଲିକୁଦା ୧ ଓ ବିରିଡି ୨ରୁ ଦୁଇଜଣ ଲେଖାଏ ଏବଂ ଏରସମା-୪ରୁ ୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହାକୁ ମିଶାଇ ଜିଲାର ୨୬ ଜିଲା ପରିଷଦ ଜୋନ୍‌ରେ ମୋଟ ୨୭ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ସେହିପରି ଜିଲାର ୧୯୮ ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ୧୫୦ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେଥିମଧ୍ୟରେ ଏରସମାରୁ ୧୧, ବାଲିକୁଦା ୧୩, ନାଉଗାଁ ୧୪, ଜଗତ୍‌ସିଂହପୁର ୨୩, ରଘୁନାଥପୁର ୨୧, ବିରିଡ଼ି ୧୮, ତିର୍ତ୍ତୋଲ ୩୪ ଓ କୁଜଙ୍ଗ ବ୍ଲକରୁ ୧୬ ଜଣ ରହିଛନ୍ତି । ସେହିପରି ସମିତି ସଭ୍ୟ ପଦବୀ ପାଇଁ ୧୨୧ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେଥିମଧ୍ୟରୁ ଏରସମାରୁ ୧୩, ବାଲିକୁଦା ୮, ନାଉଗାଁ ୮, ଜଗତ୍‌ସିଂହପୁର ୧୯, ରଘୁନାଥପୁର ୧୩, ବିରିଡ଼ି ୨୨, ତିର୍ତ୍ତୋଲ ୨୦ ଓ କୁଜଙ୍ଗ ବ୍ଲକ ଅଞ୍ଚଳରେ ୧୮ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୱାର୍ଡ ମେମ୍ବର ପଦବୀ ନିମନ୍ତେ ଗୁରୁବାର ୧୧୭୯ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଏରସମା ବ୍ଲକ ଅଞ୍ଚଳରୁ ୧୧୮, ବାଲିକୁଦା ୧୫୨, ନାଉଗାଁ ୭୭, ଜଗତ୍‌ସିଂହପୁର ୧୯୧, ରଘୁନାଥପୁର ୯୩, ବିରିଡ଼ି ୧୪୯, ତିର୍ତ୍ତୋଲ ୨୨୪ ଓ କୁଜଙ୍ଗ ବ୍ଲକରୁ ୧୭୫ ଜଣ ରହିଛନ୍ତି।

## ପୌରାଞ୍ଚଳରେ ଜାଗା ସମ୍ପର୍କ କାର୍ଯ୍ୟକ୍ରମ



ଜାଗା ସମ୍ପର୍କ କାର୍ଯ୍ୟକ୍ରମରେ ଉପସ୍ଥିତ ପିଲା,ମହିଳାପୁରୁଷମାନେ।

ପାରାଦୀପ,୨୦।୧(ସ୍ୱ.ପ୍ର.)

ପାରାଦୀପ ପୌରାଞ୍ଚଳ ୨ନଂ. ୱାର୍ଡର ଅଠରବାଙ୍କି ବିଜୟନଗରଠାରେ ଗୁରୁବାର ପ୍ରଥମ ଥର ପାଇଁ ଜାଗା ସମ୍ପର୍କ କାର୍ଯ୍ୟକ୍ରମ ହୋଇଛି। ଏହି ଅବସରରେ ବସ୍ତିବାସିନ୍ଦାଙ୍କ ଦକ୍ଷତା, ଉତ୍ତମ ପରିଚାଳନା, ଆଦି କିପରି କରାଯିବ ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବସ୍ତିର ଚାଳଘର ସର୍ଭେ କରାଯାଇଥିଲା। ଏଥିରେ ପ୍ରତି ବସ୍ତିର ଏସ୍‌ଡିଏ (ସ୍ଲମ ଡ୍ୱେଲାର୍ସ ଆସୋସିଏଶନ) ପାଇଁ ୩୫ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଏଥିସହ ପ୍ରାୟ ୧୧ ହଜାରରୁ ଉର୍ଦ୍ଧ୍ୱ ଭୂମି ଯୋଗ୍ୟ ପ୍ରମାଣପତ୍ର କରାଯାଇଛି। କାର୍ଯ୍ୟକ୍ରମରେ ପୌର କର୍ମଚାରୀଙ୍କ ସମେତ ପୂର୍ବତନ କାଉନସିଲର ଅଜୟ ନାୟକ ଓ ବସ୍ତିର ମୁରବୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମ କିପରି ହେଲା ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାରାଦୀପ ପୌରାଞ୍ଚଳର ୧୯ଟି ୱାର୍ଡରେ ୫୫ଟି ବସ୍ତି ରହିଛି।

## ବ୍ରାଉନସୁଗାର ଜବତ: ଜଣେ ଗିରଫ

ପାରାଦୀପ,୨୦।୧(ସ୍ୱ.ପ୍ର.)

ପାରାଦୀପର ପିପିଏଲ୍ ଛକରେ ଗୁରୁବାର ବ୍ରାଉନସୁଗାର କାରବାର କରୁଥିବାବେଳେ ଆଦର୍ଶଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ୫.୭୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଉଦୟବଟର ମିଥୁନ ବାରିକ। ଏ ନେଇ ଥାନାରେ ମାମଲା (ନଂ. ୨୨/୨୨) ରୁଜୁ ହୋଇଛି।

## ଭାଜପା ଜିଲା ପରିଷଦ ପ୍ରାର୍ଥୀ ତାଲିକା ଘୋଷଣା

ଜଗତ୍‌ସିଂହପୁର ଅଫିସ, ୨୦।୧

ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିନ। ଏହାର ଗୋଟିଏ ଦିନ ପୂର୍ବରୁ ଭାଜପା ପକ୍ଷରୁ ଜିଲାର ସମସ୍ତ ୨୬ ଜିଲା ପରିଷଦ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲା ପରିଷଦ ଜୋନ ଏରସମା୧ରୁ ସଞ୍ଜୟ କୁମାର ପରିଡ଼ା, ଏରସମା୨ରୁ ସରସ୍ୱତୀ ସୋରେନ, ଏରସମା ୩ରୁ ନିରାକାର ସ୍ୱାଇଁ, ଏରସମା ୪ରୁ ପଦ୍ମଲୋଚନ ଦାଶ, କୁଜଙ୍ଗ ୧ରୁ ଦୀପ୍ତିମୟୀ ବହିଆ, କୁଜଙ୍ଗ୨ରୁ ନିରଞ୍ଜନ ପାତ୍ର, କୁଜଙ୍ଗ ୩ରୁ ମିଲି ପରିଡ଼ା, କୁଜଙ୍ଗ୪ରୁ ମାମାଲି ସାହୁ, ଜଗତ୍‌ସିଂହପୁର ୧ରୁ ପ୍ରଭାତ କୁମାର ଜେନା, ଜଗତ୍‌ସିଂହପୁର୨ରୁ କଳ୍ପନା ମହାନ୍ତି ସର୍ଜନସିଂହ, ଜଗତ୍‌ସିଂହପୁର ୩ରୁ ତାପସୀ ମଲ୍ଲିକ ଓ ଜଗତ୍‌ସିଂହପୁର ୪ରୁ ଲିଙ୍ଗରାଜ ଲେଙ୍କାଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ତିର୍ତ୍ତୋଲ ୧ରୁ କିରଣବାଳା ରାଉତ, ତିର୍ତ୍ତୋଲ୨ରୁ ଝରାଶ୍ରୀ ରାଉତ, ତିର୍ତ୍ତୋଲ ୩ ରଞ୍ଜିତ କୁମାର ବେହେରା, ତିର୍ତ୍ତୋଲ ୪ ସୁନନ୍ଦା ବିଶ୍ୱାଳ, ନାଉଗାଁ-୧ ଜ୍ୟୋତ୍ସ୍ନାରାଣୀ ଆଚାର୍ଯ୍ୟ, ନାଉଗାଁ ୨ ସୀମାଲତା ସ୍ୱାଇଁ, ବାଲିକୁଦା ୧ ସସ୍ମିତା ସ୍ୱାଇଁ, ବାଲିକୁଦା ୨ ରାଜେନ୍ଦ୍ର କୁମାର ପାଣି, ବାଲିକୁଦା ୩ ତେଜିଲତା ଜେନା, ବାଲିକୁଦା ୪ ଡ. ଶଶାଙ୍କ ଶେଖର ସାହାଣୀ, ବିରିଡ଼ି ୧ ଗୀତାଞ୍ଜଳି ସାହୁ, ବିରିଡ଼ି ୨ ଶୁଭ୍ରଜ୍ୟୋତି ସାହୁ, ରଘୁନାଥପୁର ୧ରୁ ସୁଚିତ୍ରା ଭୋଇ ଓ ରଘୁନାଥପୁର ୨ରୁ ଲିପିକା ମଲ୍ଲିକ ପ୍ରାର୍ଥୀ ହୋଇଛନ୍ତି।

## ନିୟନ୍ତ୍ରଣ ବାହାରେ କରୋନା ସଂକ୍ରମଣ



କେନ୍ଦ୍ରାପଡ଼ାରେ କୋଭିଡ୍ କଟକଣାକୁ ଭୁଲି ପ୍ରାର୍ଥୀମାନେ ସମର୍ଥକଙ୍କ ଗହଣରେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଗହଳି କରିଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୨୦।୧

କେନ୍ଦ୍ରାପଡ଼ା ଜିଲାରେ ବୁଧବାର ୧୦୬ ଜଣ କରୋନା ସଂକ୍ରମିତ ହୋଇଛନ୍ତି। ମଙ୍ଗଳବାର ମଧ୍ୟ ୧୨୪ ସଂକ୍ରମିତ ହୋଇଥିଲେ। ଏହା ପୂର୍ବରୁ ଜାନୁୟାରୀ ୮ ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା ଦୁଇ ଅଙ୍କରେ ସୀମିତ ଥିଲା। ତେବେ ଓମିକ୍ରନ୍ ଭାରିଆଣ୍ଟ ଜିଲାରେ ଦେଖାଯାଇଥିବା ବେଳେ ଏବେ କରୋନା ସଂକ୍ରମିତଙ୍କ ସଂଖ୍ୟା କ୍ରମଶଃ ବଢ଼ିଚାଲିଛି। ତଥ୍ୟ ଅନୁଯାୟୀ ଗତ ୧୨ ଦିନ ମଧ୍ୟରେ ୭୭୮ ଜଣ କୋଭିଡ-୧୯ ସଂକ୍ରମଣର ଶିକାର ହୋଇଥିବା ବେଳେ ୧୫ ବର୍ଷ ତଳକୁ ଥିବା ୪୫ ଶିଶୁ ସଂକ୍ରମିତ ହୋଇଛନ୍ତି। କୋଭିଡ୍-୧୯ ଗାଇଡଲାଇନକୁ ତଦାରଖ କରା ନ ଗଲେ ଏହାର କୁପ୍ରଭାବ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଉପରେ ପଡିବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟ ଅନୁଯାୟୀ ୨୦୨୦ ଏପ୍ରିଲ ୭ ତାରିଖରେ ଜିଲାର ଆଳି ଅଞ୍ଚଳରେ ପ୍ରଥମ ଥର ପାଇଁ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲା। ଇତିମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୨୫,୮୯୭ ହୋଇଛି। ଏଥିମଧ୍ୟରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୨୫,୦୯୪ ଜଣ ସୁସ୍ଥ ହୋଇଛନ୍ତି। ତେବେ ଜିଲାରୁ ୨୫୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ରିପୋର୍ଟ ଲେଖା ପର୍ଯ୍ୟନ୍ତ ୫୪୬ ଜଣ ଚିକିତ୍ସିତ ହେଉଛନ୍ତି। କରୋନା ସଂକ୍ରମଣର କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟା ସମ୍ପର୍କରେ ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ, ପ୍ରତାପ କୁମାର ତ୍ରିପାଠୀ, ପ୍ରତାପ କୁମାର ପାଢୀ, ଅମରବର ବିଶ୍ୱାଳ, ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, କରୋନା ସଂକ୍ରମଣ ଜିଲାରେ ଏକ ପ୍ରକାର ଅର୍ଥନୈତିକ ଅବରୋଧ ଆଣିଥିଲା। ସରକାରଙ୍କ ପକ୍ଷରୁ ଏହି ସମସ୍ୟାର ସମାଧାନ ପାଇଁ ଯୋଜନା ହୋଇଥିଲେ ମଧ୍ୟ ତୃଣମୂଳରେ ଏହା ସଫଳ ରୂପାୟନ ହୋଇପାରିଲା ନାହିଁ। ଫଳରେ ସାଧାରଣ ଲୋକ ଜୀବନ ମରଣ ଦୋଛକିରେ ରହି ଅର୍ଥ ରୋଜଗାରକୁ ପ୍ରାଧାନ୍ୟ ଦେଇଛନ୍ତି। ଟିକାକରଣ ଜିଲାରେ ଏବେବି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଶିଶୁଙ୍କୁ ଟିକାକରଣ ହୋଇ ନ ଥିବା ବେଳେ ସଂକ୍ରମଣ ଚିନ୍ତାର କାରଣ ପାଲଟିଛି। ଏହି ସମୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରାଇବା ଜିଲାରେ ସଂକ୍ରମଣ ସମସ୍ୟାକୁ ଅଧିକ କରିବ। ଜିଲା ପ୍ରଶାସନ ପକ୍ଷରୁ କରୋନା କଟକଣାକୁ ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି ଯେ, କରୋନା କଟକଣାକୁ ସର୍ବଦା ଗୁରୁତ୍ୱ ଦିଆଯାଉଛି।

## ଦଳୀୟ ପ୍ୟାଡ୍‌ରେ ପ୍ରାର୍ଥୀ ତାଲିକା

ଜଗତ୍‌ସିଂହପୁର ଅଫିସ, ୨୦।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ପଦବୀ ପାଇଁ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ହୋଇପାରିବେ ନାହିଁ ବୋଲି ନିୟମ ରହିଛି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏଥିରେ ବ୍ୟତିକ୍ରମ ଘଟିଛି। ବିଜେଡି ଜିଲା ସଭାପତିଙ୍କ ନାମରେ ଥିବା ପ୍ୟାଡ୍‌ରେ ନାଉଗାଁ ବ୍ଲକର ୧୬ରୁ ୧୩ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ନାମ ରହିଛି। ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଏଥିରେ ଦଳର ଜିଲା ସଭାପତି ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଦସ୍ତଖତ ଓ ସିଲ୍ ରହିଛି। ଏଥିରେ ବିଜେଡିର କର୍ମୀ ସମ୍ମିଳନୀ, କର୍ମୀମାନଙ୍କ ମତାମତ ଓ ଜିତିବାର ଆଭିମୁଖ୍ୟକୁ ଭିତ୍ତିକରି ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ଭାବେ ନିମ୍ନମତେ ସ୍ଥିର କରାଗଲା ବୋଲି ଉଲ୍ଲେଖ ରହିଛି। ଦଳର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରାର୍ଥୀଙ୍କୁ ଜିତାଇବାକୁ ଅନୁରୋଧ କରାଯାଇଛି। ତଳେ ଅଲଣା, ନୂଆଗାଁ, ଗଜରାଜପୁର, ରୋହିଆ, ବଛାଳୋ, ଜାମୁଗାଁ, ଘୋଡାଂଶ, ନାଉଗାଁ, ତିରୁଣା, ତେରିକି, କୋରୁଆ, ଡାବର ଓ ଶିଖର ପଞ୍ଚାୟତର ବିଜେଡି ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ନାମ ସ୍ପଷ୍ଟ ଭାବେ ଲେଖାଯାଇଛି। ଏହା ଏକ ନକଲି ପ୍ୟାଡ୍ ବୋଲି ଦଳର ଜିଲା ସଭାପତି ମୁଦୁଲି କହିଛନ୍ତି।



## ଜିଲା ପରିଷଦ ସଭ୍ୟ ପଦ ପାଇଁ ୨୯ ପ୍ରାର୍ଥୀପତ୍ର

କେନ୍ଦ୍ରାପଡ଼ା ଅଫିସ, ୨୦।୧



କେନ୍ଦ୍ରାପଡ଼ା ଜିଲା ପରିଷଦ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୨୯ ପ୍ରାର୍ଥୀପତ୍ର ଗୁରୁବାର ଦାଖଲ ହୋଇଛି। ମାର୍ଶାଘାଇ ବ୍ଲକର ୨୪ ନଂ. ଜୋନ୍ ପାଇଁ ସିପିଆଇ (ଏମ୍)ର ସୀତାକାନ୍ତ ନାୟକ, ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ମଲ୍ଲିକ, ପ୍ରତାପ ଚନ୍ଦ୍ର ପରିଡା, ୨୫ ନଂ. ଜୋନ୍ ପାଇଁ ବିଜେଡିର ଦୁର୍ଗାବତୀ ପ୍ରଧାନ, ଓଡ଼ିଶା ଜନତା ପାର୍ଟିର ନମିତା ନାୟକ, ଆଳି ବ୍ଲକ ଅଞ୍ଚଳର ୩ ନଂ. ଜୋନ୍ ପାଇଁ ବିଜେଡିର ସ୍ୱାଗତିକା ରାଉତ, ୪ ନଂ. ଜୋନ୍ ପାଇଁ ସିପିଆଇ (ଏମ୍)ର ସୁହାନା ବେଗମ, ଡେରାବିଶ ବ୍ଲକର ୧୪ ନଂ. ଜୋନ୍ ପାଇଁ ବିଜେଡିର ଅରବିନ୍ଦ ମଲ୍ଲିକ, କେନ୍ଦ୍ରାପଡ଼ା ବ୍ଲକର ୭ ନଂ. ଜୋନ୍ ପାଇଁ ବିଜେଡିର ମଧୁଛନ୍ଦା ମହାନ୍ତି, ଭାଜପାର ସଂଘମିତ୍ରା ମଲ୍ଲିକ, ୮ ନଂ ଜୋନ୍ ପାଇଁ କଂଗ୍ରେସର ଅନନ୍ତ କୁମାର ସ୍ୱାଇଁ, ସ୍ୱାଧୀନ ପ୍ରାର୍ଥୀ ସାଗରିକା ଦାସ, ଓଡ଼ିଶା ଜନତା ପାର୍ଟିର ମନୋଜ କୁମାର ପ୍ରଧାନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ମହାକାଳପଡ଼ା ବ୍ଲକର ୧୯ ନଂ. ଜୋନ୍ ପାଇଁ ବିଜେଡିର ସସ୍ମିତା ସ୍ୱାଇଁ, ୨୦ ନଂ. ଜୋନ୍ ପାଇଁ ଭାଜପାର ସୌଭାଗ୍ୟ କୁମାର ପରିଡା, ୨୨ ନଂ. ଜୋନ୍ ପାଇଁ ବିଜେଡିର ଅପୁ ପରିଡା, ୨୩ ନଂ. ଜୋନ୍ ପାଇଁ ସିପିଆଇ (ଏମ୍)ର ନରୋତ୍ତମ ପାର୍ଥସାରଥି, ଗରଦପୁର ବ୍ଲକର ୯ ନଂ. ଜୋନ୍ ପାଇଁ ବିଜେଡିର ଏଲିଜା ସ୍ୱାଇଁ, ୧୦ ନଂ. ଜୋନ୍ ପାଇଁ ବିଜେଡିର ସତ୍ୟାନନ୍ଦ ରାଉତ, ୧୧ ନଂ. ଜୋନ୍ ପାଇଁ ବିଜେଡିର ମଞ୍ଜୁବାଳା ଜେନା, ରାଜନଗର ବ୍ଲକର ୩୦ ନଂ. ଜୋନ୍ ପାଇଁ ସ୍ୱାଧୀନ ପ୍ରାର୍ଥୀ ସମୀର କୁମାର ବାଇ, ୩୨ ନଂ. ଜୋନ୍ ପାଇଁ ଭାଜପାର ଆରତି ହାସଂଦା, ପଟ୍ଟାମୁଣ୍ଡାଇ ବ୍ଲକର ୧୫ ନଂ. ଜୋନ୍ ପାଇଁ ଭାଜପାର ବିଜୟଲକ୍ଷ୍ମୀ ମଲ୍ଲିକ, ୧୬ ନଂ. ଜୋନ୍ ପାଇଁ ଭାଜପାର ସଂଗ୍ରାମ କେଶରୀ ସେଠୀ, ସ୍ୱାଧୀନ ପ୍ରାର୍ଥୀ ନଗେନ୍ଦ୍ର ଜେନା, ୧୭ ନଂ. ଜୋନ୍ ପାଇଁ ସିପିଆଇ(ଏମ୍)ର ଭୀମସେନ ବେହେରା, ୧୮ ନଂ. ଜୋନ୍ ପାଇଁ ଭାଜପାର ମାମି ମଲ୍ଲିକ, ରାଜକନିକା ବ୍ଲକ ୨୮ ନଂ. ଜୋନ୍ ପାଇଁ ବିଜେଡିର ପ୍ରତାପ କୁମାର ପରିଡା ଓ ୨୯ ନଂ. ଜୋନ୍ ପାଇଁ ବିଜେଡିର ଅମିତା ସାହୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ୪ର୍ଥ ଦିବସରେ ଜିଲାରୁ ୨୪୯୦ ନାମାଙ୍କନ

କେନ୍ଦ୍ରାପଡ଼ା ଅଫିସ, ୨୦।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାରଠାରୁ ମନୋନୟନ ପତ୍ର ଦାଖଲ ଆରମ୍ଭ ହୋଇଛି। ତିନି ଦିନରେ ମୋଟ ୪୭୬୬ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ଗୁରୁବାର ଚତୁର୍ଥ ଦିବସରେ ୨୪୯୦ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅପରାହ୍ନ ୩ଟା ସୁଦ୍ଧା ୨୯ଜଣ ଜିଲା ପରିଷଦ ସଭ୍ୟ ପଦ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମନୋନୟନ ପତ୍ର ଦାଖଲ ହୋଇଛି। ଏଥିସହ ଜିଲାର ୯ ବ୍ଲକ ଅଞ୍ଚଳରେ ୨୪୬୧ ସମିତି ସଭ୍ୟ, ସରପଞ୍ଚ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ମନୋନୟନ ପତ୍ର ବିଭିନ୍ନ କାର୍ଯ୍ୟାଳୟରେ ଦାଖଲ ହୋଇଛି। ଡିପିଓ ସନ୍ତୋଷ କୁମାର ସାହୁଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ୧୩୩ ୱାର୍ଡ ସଭ୍ୟ, ୧୭ ସମିତିସଭ୍ୟ ଓ ୧୮ ସରପଞ୍ଚ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ସେହିପରି ଡେରାବିଶ ବ୍ଲକରେ ୧୭୨ ୱାର୍ଡ ସଭ୍ୟ, ୩୦ ସମିତିସଭ୍ୟ ଓ ୨୬ ସରପଞ୍ଚ, ପଟ୍ଟାମୁଣ୍ଡାଇ ବ୍ଲକରେ ୧୮୯ ୱାର୍ଡ ସଭ୍ୟ, ୩୦ ସମିତିସଭ୍ୟ ଓ ୪୬ ସରପଞ୍ଚ, ଗରଦପୁର ବ୍ଲକରେ ୧୪୨ ୱାର୍ଡ ସଭ୍ୟ, ୧୮ ସମିତିସଭ୍ୟ ଓ ୨୨ ସରପଞ୍ଚ, ମାର୍ଶାଘାଇ ବ୍ଲକରେ ୧୬୬ ୱାର୍ଡ ସଭ୍ୟ, ୧୨ ସମିତିସଭ୍ୟ ଓ ୨୦ ସରପଞ୍ଚ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ଏଥିସହ ଆଳି ବ୍ଲକ ଅଞ୍ଚଳରେ ୩୮୫ଟି ୱାର୍ଡ ସଭ୍ୟ, ୪୦ ସମିତିସଭ୍ୟ ଓ ୫୦ ସରପଞ୍ଚ, ମହାକାଳପଡା ବ୍ଲକରେ ୨୩୩ ୱାର୍ଡ ସଭ୍ୟ, ୨୩ ସମିତିସଭ୍ୟ ଓ ୨୮ ସରପଞ୍ଚ, ରାଜନଗର ବ୍ଲକରେ ୨୦୫ ୱାର୍ଡ ସଭ୍ୟ, ୨୬ ସମିତିସଭ୍ୟ ଓ ୨୨ ସରପଞ୍ଚ ଓ ରାଜକନିକା ବ୍ଲକରେ ୨୮୩ ୱାର୍ଡ ସଭ୍ୟ, ୪୬ ସମିତିସଭ୍ୟ ଓ ୫୦ ସରପଞ୍ଚ ପଦ ପାଇଁ ଆଶାୟୀ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ ଚଳିତ ନିର୍ବାଚନରେ କୋଭିଡ୍ କଟକଣାକୁ ଗୁରୁତ୍ୱ ଦିଆଯାଇଛି।

# ପଞ୍ଚାୟତ ଅଫିସରେ ତାଲା ପକାଇଲେ ୱାର୍ଡବାସୀ

## ଭୋଟର ତାଲିକାରେ ନାଁ ନ ଥିବାରୁ ପ୍ରାର୍ଥୀ ନିରାଶ

ଆର୍.ଉଦୟଗିରି,୨୦।୧(ଡି.ଏନ.ଏ.)

ମୋହନା ପଞ୍ଚାୟତର ୫ଟି ୱାର୍ଡର ବାସିନ୍ଦାଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ସେମାନେ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ସେମାନେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଚାଲିଥିବା ନାମାଙ୍କନପତ୍ର ଦାଖଲ କାର୍ଯ୍ୟକୁ ବନ୍ଦ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପଞ୍ଚାୟତର ୧୭ ନଂ. ୱାର୍ଡ ଧନୁପଙ୍କା ବାସିନ୍ଦାଙ୍କ ନାମ ଭୋଟର ତାଲିକାରେ ନାହିଁ। ସେହିପରି ୧୧, ୧୨, ୧୩ ଓ ୧୪ ନଂ. ୱାର୍ଡରେ ବହୁ ଲୋକଙ୍କ ନାମ ଭୋଟର ତାଲିକାରେ ନାହିଁ। ଧନୁପଙ୍କାର ଜଣେ ପ୍ରାର୍ଥନୀ ସରପଞ୍ଚ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିପାରୁ ନ ଥିବା ଅଭିଯୋଗ କରିଛନ୍ତି । ସେପରି ୧୩ନଂ ୱାର୍ଡରେ ଦୁଇ ୱାର୍ଡ ମେମ୍ବର ପ୍ରାର୍ଥୀଙ୍କ ନାମ ଭୋଟର ତାଲିକାରୁ ବାଦ ପଡିଛି। ଖାରୀଗୁଡା ୱାର୍ଡରେ ମଧ୍ୟ ଏପରି ସମସ୍ୟା। ଏହା ପ୍ରତିବାଦରେ ୫ ୱାର୍ଡବାସୀ ପ୍ରାୟ ୩ ଘଣ୍ଟା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ମୋହନା ତହସିଲଦାର କିଶୋର ଦାଶ ଓ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବାରୁ ତାଲା ଖୋଲିଛି। ସେହିପରି କର୍ଚ୍ଛବାଡ଼ି ପଞ୍ଚାୟତର ୭ଟି ୱାର୍ଡରେ ଆଶାୟୀ ପ୍ରାର୍ଥୀଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ୬ଖଣ୍ଡ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଦୁଇ ଘଣ୍ଟା ପରେ ତହସିଲଦାର ଓ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ତାଲା ଖୋଲିଥିଲେ। ଯେଉଁ ୱାର୍ଡ ଗୁଡିକରେ ଭୋଟରଙ୍କ ନାମ ତାଲିକାରୁ କଟିଛି, ସେମାନଙ୍କ ନାମ ଲିଷ୍ଟ କରି ବିଡ଼ିଓଙ୍କ ଜରିଆରେ ଉପଜିଲାପାଳଙ୍କ ନିକଟକୁ ପଠାଇବାକୁ ନିର୍ଦ୍ଦେଶ ରହିଛି। ତେବେ ପ୍ରାର୍ଥିପତ୍ର ଦାଖଲ ଆଉ ଗୋଟିଏ ଦିନ ରହିଥିବା ବେଳେ କିପରି ସଂଶୋଧନ ହେବ ଓ ଆଶାୟୀ ପ୍ରାର୍ଥୀ ନିଜ ନାମାଙ୍କନପତ୍ର ଦାଖଲ କରିବେ ତାହାକୁ ନେଇ ପ୍ରଶ୍ନ ଉଠିଛି।

# ୱାର୍ଡସଭ୍ୟ ପାଇଁ ନାମାଙ୍କନ ଦାଖଲ କଲେ ଉଚ୍ଚଶିକ୍ଷିତ ଯୁବକ


ଏସ୍. ସୁନିଲ କୁମାର ସୁବୁଦ୍ଧି ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

ଦାରିଙ୍ଗବାଡ଼ି,୨୦।୧(ଡି.ଏନ୍.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତର ୬ନଂ. ୱାଡ଼ ସଭ୍ୟ ପଦବୀ ପାଇଁ ଜଣେ ଉଚ୍ଚ ଶିକ୍ଷିତ ଯୁବକ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ହେଲେ ଏସ୍. ସୁନୀଲ କୁମାର ସୁବୁଦ୍ଧି। ସୁନୀଲ ଏମ୍‌ବିଏ ପଢ଼ି ବାପା ଏସ୍. ପ୍ରକାଶ ରାଓ ସୁବୁଦ୍ଧିଙ୍କ ବ୍ୟବସାୟକୁ କିଛି ଦିନ ହେଲା ସମ୍ଭାଳିବା ସହ ଏବେ ନିଜ ଗ୍ରାମର ବିକାଶ କରିବା ଉଦ୍ଦେଶ୍ୟରେ ରାଜନୀତିକୁ ଓହ୍ଲାଇଛନ୍ତି। ଗୁରୁବାର ସେ ନିଜ ସମର୍ଥକଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୨ ମୃତ

ଦଶପଲ୍ଲା, ୨୦।୧(ଡି.ଏନ.ଏ.): ଦଶପଲ୍ଲା ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ରଙ୍ଗମାଟିଆ ନିକଟସ୍ଥ ଟୋଲ୍ ଗେଟ୍ ନିକଟରେ ବାଇକ୍ ସହ ବାଇକ୍ ମୁହାଁମୁହିଁ ଧକ୍କାରେ ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ମୁତାବକ, ରଙ୍ଗମାଟିଆ ଗାଁର ରାଜେନ୍ଦ୍ର ଯାନି ଓ କୁଟିବାରୀ ଗାଁର ମାନସ ଯାନି ଦଶପଲ୍ଲାରୁ ନିଜ ଗାଁକୁ ବାଇକ୍ (ନଂ.ଓଡି ୨୫ଏଚ ୭୬୨୫) ଯୋଗେ ଫେରୁଥିଲେ। ଏହି ସମୟରେ ଦଶପଲ୍ଲା ଅଭିମୁଖେ ଆସୁଥିବା ବାଇକ୍ (ଓଡି ୧୭ ଡବ୍ଲୁ ୪୦୫୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ରାଜେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ୧୦୮ ଆମ୍ବୁଲାନ୍ସ ପହଞ୍ଚି ସେମାନଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନେଇ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ମାନସଙ୍କୁ ନୟାଗଡ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମାନସଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ମଦ ଜବତ, ୨ ଗିରଫ

ଖଣ୍ଡପଡ଼ା,୨୦।୧(ସ୍ୱ.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଅଭିଯାନକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡା ପୋଲିସ ୨ଟି ସ୍ଥାନରେ ଚଢ଼ାଉ କରି ୨୦ ଲିଟର ଦେଶୀମଦ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ। ଖଣ୍ଡପଡା ଥାନା ଅଧୀନ ଶାଳଝରିଆ ଗ୍ରାମର କୁଳମଣି ପତିଙ୍କ ଘରୁ ୧୦ ଲିଟର ଓ ଯୋଗିଆପଲ୍ଲୀ ଗ୍ରାମର ରମେଶ ସାହୁଙ୍କ ଠାରୁ ୧୦ ଲିଟର ଦେଶୀମଦ ଜବତ ସହ ଉଭୟଙ୍କୁ ଗିରଫ କରାଯାଇଛି।

### ଢୁମ୍ପା ସଙ୍ଗୀତ ଗୁରୁ ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଖଣ୍ଡପଡ଼ା,୨୦।୧(ସ୍ୱ.ପ୍ର.): ଗଡ଼ଜାତ ଖଣ୍ଡପଡ଼ାର ପ୍ରାଚୀନ ଲୋକକଳା ଗଦାଧର ଢୁମ୍ପା ସଙ୍ଗୀତର ଗୁରୁ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଖଣ୍ଡପଡା ସହର ୬ନଂ. ୱାର୍ଡ ଦାଣ୍ଡସାହିର ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ଅବସରପ୍ରାପ୍ତ ଶିକ୍ଷକ କାଳନ୍ଦୀ ଚରଣ ରଥ(୯୨)ଙ୍କର ଗୁରୁବାର ଭୋର ସାଢେ ୪ରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ରଥ ଦୀର୍ଘବର୍ଷ ଧରି ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ। ସେ ନୂତନ ଯୁବ ପିଢ଼ିଙ୍କୁ ଢୁମ୍ପା ସଙ୍ଗୀତ ସମ୍ପର୍କରେ ଶିକ୍ଷାଦାନ କରି ସାଧାରଣରେ ବେଶ ଲୋକପ୍ରିୟ ହୋଇପାରିଥିଲେ। ତାଙ୍କ ବିୟୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ଥାନୀୟ ମା' ଉମାଦେବୀଙ୍କ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବନପୁଅ ମାଧବାନନ୍ଦ ରଥ ମୁଖାଗ୍ନି ଦେଇଥିଲେ।

### ନାବାଳିକା ଅପହରଣ ନେଇ ମାମଲା ରୁଜୁ

ଗୋପାଳପୁର,୨୦।୧(ଡି.ଏନ.ଏ.)- ଗୋପାଳପୁର ଥାନା ଅଞ୍ଚଳର ଜଣେ ନାବାଳିକା (୬) ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ନାବାଳିକାଙ୍କ ଘରଠାରୁ ୨୦ ରୁ ୩୦ ମିଟର ଦୂରରେ ତାଙ୍କ ବାପା ମା' କୌଣସି କାର୍ଯ୍ୟ କରୁଥିବା ବେଳେ ନାବାଳିକା ଜଣଙ୍କ ଖେଳୁଥିଲେ। ଏହି ସମୟରେ ତାଙ୍କ ମା' ନାବାଳିକାଙ୍କୁ ଘରକୁ ଯିବା ପାଇଁ କହିଥିଲେ। କିଛି ସମୟ ପରେ ମା' ଘରେ ପହଞ୍ଚିଥିଲେ। ସେତେବେଳେ ନାବାଳିକା ଜଣଙ୍କ ଘରେ ନ ଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଆଖପାଖ ଅଞ୍ଚଳରେ ବହୁ ଖୋଜାଖୋଜି ପରେ ମଧ କୌଣସି ପତ୍ତା ମିଳିନଥିଲା। ସନ୍ଧ୍ୟାରେ ଗୋପାଳପୁର ଥାନାରେ ନାବାଳିକାଙ୍କ ମାମୁଁ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୯/୨୨ରେ ଏକ ଅପହରଣ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ସାହିବାସୀ ରାସ୍ତା ତିଆରି କଲେ

ପାରଳାଖେମୁଣ୍ଡି,୨୦।୧(ଡି.ଏନ.ଏ.) ପାରଳାଖେମୁଣ୍ଡିର ମହେନ୍ଦ୍ରତନୟା ନଗରବାସୀ ସେମାନଙ୍କ ସାହି ରାସ୍ତାକୁ ନିଜେ ତିଆରି କରଛନ୍ତି। ଏହି ଅଞ୍ଚଳଟି ପୌର ପରିଷଦ ଏବଂ ପଞ୍ଚାୟତର ଶେଷ ଭାଗରେ ରହିଥିବାରୁ ରାସ୍ତା ନିର୍ମାଣ ନେଇ କୌଣସି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇପାରୁନାହାନ୍ତି। ଏପଟେ ଅଞ୍ଚଳବାସି ବହୁ ଅସୁବିଧା ଭୋଗୁଥିଲେ। ତେଣୁ ବାଧହୋଇ ଶେଷରେ ସମସ୍ତେ ମିଳିମିଶି ଚାନ୍ଦା କରି ଗୁରୁବାର ଜେସିବି ମେଶିନ ଲଗାଇ ରାସ୍ତା ନିର୍ମାଣ କରୁଛନ୍ତି। ରାସ୍ତା ପାଇଁ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ ସୁଫଳ ମିଳିନ ଥିଲା ବୋଲି ନରେନ୍ଦ୍ର ଦାଶ, ରୁନା ଚୌଧୁରୀ ଓ ଜଗଦୀଶ ପାଠୀ ପ୍ରମୁଖ କହିଛନ୍ତି।

# ପୂର୍ବାଞ୍ଚଳ ରେଲୱେ ଡିଆର୍‌ଏମ୍‌ଙ୍କ ଗସ୍ତ

ପାରଳାଖେମୁଣ୍ଡି,୨୦।୧(ଡି.ଏନ.ଏ)


ରେଲୱେ ଡିଆର୍‌ଏମ୍ ଅନୁପ ଶତପଥୀ ଆଲୋଚନା କରୁଛନ୍ତି।

ପୂର୍ବାଞ୍ଚଳ ରେଲୱେ ଡିଆର୍‌ଏମ୍ ଅନୁପ ଶତପଥୀ ଗୁରୁବାର ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଗଜପତି ଜିଲା ଗସ୍ତରେ ଆସି ପାରଳାଖେମୁଣ୍ଡି ରେଳ ଷ୍ଟେଶନର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ସେ ବିଧାୟକ କେ. ନାରାୟଣ ରାଓ, ବସନ୍ତ କୁମାର ପଣ୍ଡା, ଉମେଶ କୁମାର ରଥ, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ, ପୂର୍ବତନ ନଗରପାଳ ତ୍ରିପତି ନାୟକ, କେ ପୁଣ୍ୟେତୟାଙ୍କ ସହ ବିଭିନ୍ନ ସମସ୍ୟା ଆଲୋଚନା କରିବା ସହ ଷ୍ଟେଶନର ଦୋହରୀକରଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଉନ୍ନତୀ ଲାଗି ସମୀକ୍ଷା କରିଥିଲେ। ଯଥାଶୀଘ୍ର ପାରଳାଖେମୁଣ୍ଡି ଷ୍ଟେଶନର ନବୀକରଣ କରାଯିବା ନେଇ ବୋର୍ଡ ସହ ଆଲୋଚନା କରାଯାଇଛି ବୋଲି ଡିଆର୍‌ଏମ୍ କହିଥିଲେ। ଏହି ଷ୍ଟେଶନ ଦେଇ ଅଧିକ ରେଳ ଚଳାଚଳ କରିବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହେଉଥିଲେ ମଧ୍ୟ ଏହି ପଥରେ ଅଧିକ ରେଲୱେ ଫାଟକ ରହିଛି। ଏହି ପଥ କୌଣସି ମାଲବାହୀ ଉପଯୋଗୀ ନୁହେଁ। ତେଣୁ ଅଧିକ ରେଳ ଚଳାଚଳ ସମ୍ଭବପର ନୁହେଁ ବୋଲି ଶତପଥୀ ସୂଚନା ଦେଇଛନ୍ତି।

# ଅଟକିଲାନି ଡିଆରଏମ୍‌ଙ୍କ ସ୍ୱତନ୍ତ୍ର ଟ୍ରେନ୍

## ନିରାଶରେ ଫେରିଲେ ଲୋକେ

କାଶୀନଗର,୨୦।୧

ବିଶାଖାପାଟଣା ଡିଭିଜନର ରେଲୱେ ମ୍ୟାନେଜର ସ୍ୱତନ୍ତ୍ର ଟ୍ରେନ ଯୋଗେ ଗୁଣୁପୁର ଯାଉଥିବା ସୂଚନା ପାଇ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଭେଟି ଏକ ସ୍ମାରକପତ୍ର ଦେବା ପାଇଁ ଅପେକ୍ଷା କରିଥିଲେ। ହାତ ଦେଖାଇଲେ ଟ୍ରେନ ଅଟକିବ ଏବଂ ଡିଆରଏମ୍ ଟ୍ରେନ୍‌ରୁ ଓହ୍ଲାଇ ସ୍ମାରକପତ୍ର ଗ୍ରହଣ କରିବେ। କିନ୍ତୁ ଉକ୍ତ ଟ୍ରେନ କାଶୀନଗର ଷ୍ଟେଶନରେ ଅଟକି ନ ଥିଲା। ନିରାଶ ହୋଇ ଫେରିବାକୁ ପଡ଼ିଥିଲା ସମସ୍ତଙ୍କୁ। ଘଟଣାକୁ କେନ୍ଦ୍ରକରି ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବୁଦ୍ଧିଜୀବୀମାନେ କହିଛନ୍ତି , ଗୌରଚନ୍ଦ୍ର ଗଜପତି ପ୍ରଥମେ ଏହି ଟ୍ରେନ୍ ଲାଇନ ନୌପଡ଼ାଠାରୁ ପାରଳାଖେମୁଣ୍ଡି ଯାଏ ପକାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଦାୟାଦ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏହାର ସମ୍ପ୍ରସାରଣ ଘଟାଇଥିଲେ। ସେତେବେଳେ କାଶୀନଗର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଥିଲା ଓ ଏବେ ବି ଗଜପତି ଜିଲାର ଦ୍ୱିତୀୟ ବୃହତ୍ତମ ସହର ଭାବେ ରହିଛି। କାଶୀନଗର ଅଞ୍ଚଳବାସୀ ଓ ନିକଟସ୍ଥ ଆନ୍ଧ୍ର ଶ୍ରୀକାକୁଳମ ଜିଲାର ଦୁଇଟି ମଣ୍ଡଳର ଲୋକ ଭୁବନେଶ୍ୱର- ରାଉରକେଲାକୁ ଯିବା ଲାଗି ରାଜ୍ୟରାଣୀ ଏକ୍ସପ୍ରେସ ଉପରେ ନିର୍ଭର କରୁଥିବା ବେଳେ ଉକ୍ତ ଟ୍ରେନ୍‌ର ଏଠାରେ ରହଣି ପାଇଁ ବ୍ୟବସ୍ଥା କରାନଯିବା ଦୁର୍ଭାଗ୍ୟଜନକ। ସେମାନେ ମଧ୍ୟ ଜଣାଇଛନ୍ତି ଯେ ପାରଳାଖେମୁଣ୍ଡି ବିଧାୟକ, ବ୍ରହ୍ମପୁର ଓ ଭୁବନେଶ୍ୱର ଏମ୍‌ପି କାଶୀନଗର ଷ୍ଟେଶନରେ ଉକ୍ତ ଟ୍ରେନ୍ ରହଣି ପାଇଁ ରେଳ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ତଥାପି ବିଭାଗ ଏଯାଏ କୌଣସି ପଦକ୍ଷେପ ନେଇନାହିଁ। ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି ।

# ଭଞ୍ଜନଗର ଉପଖଣ୍ଡ ଜିଲା ପରିଷଦ ପ୍ରାର୍ଥୀ ଚୟନରେ ବିଜେଡି ପଛୁଆ

ଭଞ୍ଜନଗର,୨୦।୧(ଡି.ଏନ.ଏ)- ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ୮ଟି ବ୍ଲକର ବିଭିନ୍ନ ଜିଲା ପରିଷଦ ପଦବୀ ପାଇଁ ଗୁରୁବାର ସୁଦ୍ଧା ମୋଟ ୫୦ ଜଣ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗୁରୁବାର ଗୋଟିଏ ଦିନରେ ୩୬ ଜଣ ଉପଜିଲାପାଳଙ୍କ ନିକଟରେ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଚୟନଠାରୁ ଆରମ୍ଭକରି ନାମାଙ୍କନପତ୍ର ଦାଖଲ ପର୍ଯ୍ୟନ୍ତ ଆଗୁଆ ରହିଥିବା ବେଳେ ବିଜେଡ଼ି ପକ୍ଷରୁ ଗୋଟିଏ ବି ଜିଲା ପରିଷଦ ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରାଯାଇନାହିଁ। ପ୍ରାର୍ଥୀ ଚୟନରେ ବିଳମ୍ବ ଯୋଗୁ ଏହି ସମସ୍ୟା ଉପୁଜିଛି। ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ପ୍ରବଳ ଭିଡ ହେବା ସୁନିଶ୍ଚିତ। ଅନ୍ୟପକ୍ଷରେ ଭଞ୍ଜନଗର ବ୍ଲକରେ ଗୁରୁବାର ସୁଦ୍ଧା ୨୨ଟି ପଞ୍ଚାୟତ ପାଇଁ ୪୦ଜଣ ସମିତିସଭ୍ୟ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଡୁମାକୁମ୍ପା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାର୍ଥିପତ୍ର ଦାଖଲ ସମୟରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଯାଇଥିଲା। ନିର୍ଦ୍ଦିଷ୍ଟ ଏକ ଦଳର ପ୍ରାର୍ଥୀ ନାମାଙ୍କନ ଦାଖଲ ପାଇଁ ଶୋଭାଯାତ୍ରାରେ ଆସୁଥିବା ବେଳେ ବିପକ୍ଷ ଦଳର ଜଣେ ଯୁବକ ଆଚରଣ ବିଧି ଉଲ୍ଲଂଘନ ଦର୍ଶାଇ ଫଟୋ ଉଠାଉଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲେ ମଧ୍ୟ ପ୍ରାର୍ଥିପତ୍ର ଦାଖଲରେ କୌଣସି ସମସ୍ୟା ହୋଇନାହିଁ।

# କାନ୍ଥ କଳାପଟା, ବାରଣ୍ଡାରେ ପାଠପଢ଼ା


କାନ୍ଥ କଳାପଟାରେ ଜଣେ ଛାତ୍ର ପାଠ ଲେଖୁଛନ୍ତି।

ଫୁଲବାଣୀ ଅଫିସ, ୨୦।୧

କରୋନା ମହାମାରୀ ସମୟରେ ପ୍ରାଥମିକ ଶିକ୍ଷା ଯେପରି ଭୁଶୁଡ଼ି ନ ପଡିବ ସେଥିପାଇଁ ସରକାର ମୋ କଳାପଡା ଅଭିଯାନ ଆରମ୍ଭ କଲେ । ଶିକ୍ଷକମାନେ ପ୍ରତ୍ୟେକ ଘରକୁ ଯାଇ ପିଲାଙ୍କୁ ପଢ଼ାଇବାକୁ ନିର୍ଦ୍ଦେଶ ଦେଲେ । କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କରଣ୍ଡାଗଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୀମାଞ୍ଚଳ ମୁଖୀ ଏହି ଅଭିଯାନକୁ ଆହୁରି ସୁନ୍ଦର କରି ପିଲାମାନଙ୍କୁ ପଢ଼ାଇବାରେ ଲାଗିଛନ୍ତି। ସେ ପ୍ରତ୍ୟେକ ଘର କାନ୍ଥକୁ କଳାପଟା କରିଥିବା ବେଳେ ବାରଣ୍ଡାରେ ପିଲାମାନଙ୍କୁ ପଢ଼ାଉଛନ୍ତି। ତାଙ୍କର ଏଭଳି ପ୍ରୟାସକୁ ସବୁଠି ପ୍ରଶଂସା କରାଯାଇଛି। ଶିକ୍ଷକ ଜଣକ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶିକ୍ଷାଦାନ କରୁଛନ୍ତି । ଦିନକୁ ପ୍ରାୟ ୯୦ ପିଲାଙ୍କୁ ଶିକ୍ଷାଦାନ କରି ଏବେ ସେ ଚର୍ଚ୍ଚାରେ ରହିଛନ୍ତି। ପ୍ରତ୍ୟେକ ଦିନ ସକାଳୁ ଶିକ୍ଷକ ସୀମାଞ୍ଚଳ ଘରୁ ବାହାରି ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ଘରକୁ ଯାଇ କାନ୍ଥକୁ କଳାପଟା କରି ସେଥିରେ ସେ ଦିନ ପଢ଼ାଇବାକୁ ଥିବା ପାଠ୍ୟକ୍ରମ ଲେଖି ଦେଉଛନ୍ତି। ଏଥିସହ ପାଠ୍ୟକ୍ରମର ବିଭିନ୍ନ ପ୍ରଶ୍ନ ଏବଂ ତାହାର ଉତ୍ତର ମଧ୍ୟ ଲେଖୁଛନ୍ତି। ଏପରିକି ସମସ୍ତ ପିଲାଙ୍କ ପାଇଁ ଟାସ୍କ ତିଆରି କରିବା ପରେ ପୁଣି ଏହାକୁ ଚେକ୍ କରିବାକୁ ବାହାରି ପଡୁଛନ୍ତି। ପିଲାମାନେ କଳାପଟାରେ କ'ଣ ଉତ୍ତର ଲେଖିଲେ ତାହା ଦେଖୁଛନ୍ତି। ଯଦି କିଏ ବୁଝି ନ ଥିଲେ ସେମାନଙ୍କୁ ବାରଣ୍ଡାରେ ବସାଇ ପ୍ରାଞ୍ଜଳ ଭାବେ ବୁଝାଉଛନ୍ତି। ବିଶେଷ କରି ଅକ୍ଷର, ଶବ୍ଦ, ସଂଖ୍ୟା ଲିଖନ ଉପରେ ଗୁରୁତ୍ୱ ଦିଆଯାଉଛି । ଶିକ୍ଷକ ସୀମାଞ୍ଚଳଙ୍କ ଏଭଳି ଅଭିନବ ପ୍ରୟାସକୁ ଅଭିଭାବକ ମଧ୍ୟ ସ୍ୱାଗତ କରିଛନ୍ତି।

# କଇଠଖଣ୍ଡିରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ

ଦିଗପହଣ୍ଡି,୨୦।୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କଇଠଖଣ୍ଡି ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ପ୍ରାର୍ଥୀ ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଗୁରୁବାର ସେ ନାମାଙ୍କନ ପତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିଥିବା ବେଳେ ତାଙ୍କ ସମର୍ଥକ ତଥା ଭୋଟରଙ୍କୁ ଖାଦ୍ୟ ପୁଡିଆ ବଣ୍ଟନ ବ୍ୟବସ୍ଥା କରିଥିଲେ। ଏଥିପାଇଁ ଗ୍ରାମ ନିକଟ ମା' କାଳୁଆଙ୍କ ମନ୍ଦିରରେ ରୋଷେଇ କରି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଥିଲା।ଅଭିଯୋଗ ଭିତ୍ତିରେ ଦିଗପହଣ୍ଡି ତହସିଲଦାର ତଥା ବ୍ଲକ ନିର୍ବାଚନ ଅଧିକାରୀ ସିପକ କୁମାର ପାତ୍ର ଏବଂ ଦିଗପହଣ୍ଡି ଥାନା ଆଇଆଇସି ବସନ୍ତ କୁମାର ସେଠୀ ଅନ୍ୟ କର୍ମଚାରୀଙ୍କ ସହ କଇଠଖଣ୍ଡି ଗ୍ରାମରେ ପହଞ୍ଚି ମନ୍ଦିର ଭିତରୁ ଖାଦ୍ୟ ପୁଡିଆଗୁଡିକୁ ଜବତ କରିଥିଲେ। ପରେ ସେଗୁଡିକୁ ଗରିବ ଅସହାୟମାନଙ୍କୁ ବାଣ୍ଟି ଦିଆଯାଇଥିଲା। ନିର୍ବାଚନ ଆଚରଣ ବିଧି ଉଲଘଂନ ଅଭିଯୋଗରେ ସଂପୃକ୍ତ ପ୍ରାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ତହସିଲଦାର କହିଛନ୍ତି। ଅନ୍ୟପଟେ ଅଭିଯୋଗ ଆସିଥିବା ସରପଞ୍ଚ ପ୍ରାର୍ଥୀ କୀର୍ତ୍ତି ଚନ୍ଦ୍ର ଗୌଡ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

# ଚେନ୍ନାଇ କ୍ରିକେଟ ଟିମ୍ ଚାମ୍ପିୟନ


ପୁରସ୍କାର ସହ ଚାମ୍ପିୟନ ଦଳ ।

ରମ୍ଭା,୨୦।୧

ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ରମ୍ଭା ପ୍ରିମିୟର ଲିଗ୍ -୩ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ଅବସରରେ ଚେନ୍ନାଇ ବନାମ ରାଜସ୍ଥାନ ରୟାଲସ ମଧ୍ୟରେ ଖେଳ ହୋଇଥିଲା। ଫାଇନାଲ ମ୍ୟାଚରେ ପ୍ରଥମେ ଟସ୍ ଜିତି ଚେନ୍ନାଇ ଦଳ ବୋଲିଂ କରିଥିଲା। ରାଜସ୍ଥାନ ପ୍ରଥମେ ବ୍ୟାଟିଂ କରି ୧୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୦୨ ରନ କରିଥିବା ବେଳେ ଏହାର ଜବାବରେ ଚେନ୍ନାଇ କ୍ରିକେଟ ଟିମ୍ ୭ ଉଇକେଟ ବିନିମୟରେ ୧୪.୪ ଓଭରରେ ୧୦୩ ରନ ସଂଗ୍ରହ କରିଥିଲା। ମ୍ୟାନ ଅଫ ଦି ସିରିଜ ଦେବାଶିଷ ଦାସ (ଚିକୁ ), ମ୍ୟାନ ଅଫ ଦି ମ୍ୟାଚ ମହେଶ ନାୟକ (ହାପି ), ବେଷ୍ଟ ବ୍ୟାଟ୍ସମ୍ୟାନ ବାପି ବେହେରା ହୋଇଥିବା ବେଳେ ଧାରା ବିବରଣୀ ଦେଇଥିଲେ ଶ୍ରୀକାନ୍ତ ନାହାକ। ରମ୍ଭା ପ୍ରିମିୟର ଲିଗ୍-୩ର ପୁରସ୍କାର ପ୍ରଦାନ ସମୟରେ ମୁଖ୍ୟ ଅତିଥି ବାପୁଜୀ ସୁବୁଦ୍ଧି, ବିବେକାନନ୍ଦ ପଟ୍ଟନାୟକ ଓ ସୀମାଞ୍ଚଳ ବାଡ଼ତୀୟା ମଞ୍ଚାସୀନ ହୋଇ ଉପସ୍ଥିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ ପରିଚାଳନାରେ କାହ୍ନା ସ୍ୱାଇଁ, ପିଣ୍ଟୁ ବାରିକ, ଦଣ୍ଡପାଣି ପାତ୍ର, ରତିକାନ୍ତ ନାୟକ, ପପୁ, କୁଲୁ ପ୍ରମୁଖ ସହଯୋଗ କରିଥିଲେ।

# ଚତୁର୍ଥ ଦିନ ସୁଦ୍ଧା ୨୮ ଜିଲା ପରିଷଦ ପ୍ରାର୍ଥିପତ୍ର ଦାଖଲ

## ଗଜପତି ଜିଲା

ପାରଳାଖେମୁଣ୍ଡି,୨୦।୧(ଡି.ଏନ.ଏ)- ଗଜପତି ଜିଲାରେ ମୋଟ ୩୪ ଜିଲା ପରିଷଦ ଆସନ ଲାଗି ପ୍ରାର୍ଥିପତ୍ର ଦାଖଲର ଚତୁର୍ଥ ଦିନ ଗୁରୁବାର ସୁଦ୍ଧା ମୋଟ ୨୮ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଆସପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ନାମାଙ୍କନ ଦାଖଲର ଶେଷ ଦିନ। ଏହି ଦିନ ନାମାଙ୍କନ ଦାଖଲ ପାଇଁ ପ୍ରବଳ ଭିଡ ହେବ। ଆଗାମୀ ଦିନରେ ନିର୍ବାଚନ ରଣାଙ୍ଗନରେ କିଏ ରହୁଛି ତାହା ଯାଞ୍ଚ ପ୍ରକ୍ରିୟା ଶେଷ ପରେ ସ୍ପଷ୍ଟ ହେବ।

# ପଞ୍ଚାୟତ ନିର୍ବାଚନ: ପ୍ରାର୍ଥିପତ୍ର ଦାଖଲର ଚତୁର୍ଥ ଦିନ

ପୁରୁଷୋତ୍ତମପୁର / ଚିକିଟି / ଦିଗପହଣ୍ଡି/ ଧରାକୋଟ/ଶେରଗଡ଼/ ଆସିକା/ଜି.ଉଦୟଗିରି/କ. ନୂଆଗାଁ ୨୦।୧(ଡି.ଏନ.ଏ.)


ଧରାକୋଟ ରାଜକୁମାରୀ ସୁଲକ୍ଷଣା ଗୀତାଞ୍ଜଳୀ ବିଡିଓଙ୍କୁ ନାମାଙ୍କନପତ୍ର ଦେଉଛନ୍ତି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଗୁରୁବାର ପ୍ରାର୍ଥିପତ୍ର ଦାଖଲର ଚତୁର୍ଥ ଦିନରେ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକରେ ସୁରୁଖୁରୁରେ ପ୍ରାର୍ଥିପତ୍ର ଦାଖଲ ହୋଇଛି। ପୁରୁଷୋତ୍ତମପୁର ବ୍ଲକରେ ଚତୁର୍ଥ ଦିନରେ ୨୭୦ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ସରପଞ୍ଚ ପଦବୀ ଲାଗି ୪୩ , ସମିତିସଭ୍ୟ ଲାଗି ୩୫ ଓ ୱାର୍ଡ ସଭ୍ୟ ପଦବୀ ଲାଗି ୧୯୨ ଜଣ ପ୍ରସ୍ତାବକଙ୍କ ସହ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଚିକିଟି ବ୍ଲକରେ ୧୦୭ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୧୭ ପଞ୍ଚାୟତରେ ୬୫ ୱାର୍ଡ ମେମ୍ବର, ୨୨ ସରପଞ୍ଚ , ୨୦ ସମିତିସଭ୍ୟ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଦିଗପହଣ୍ଡି ବ୍ଲକରେ ଗୁରୁବାର ଗୋଟିଏ ଦିନରେ ୨୪ ସରପଞ୍ଚ, ୩୩ ସମିତିସଭ୍ୟ ଓ ୧୮୭ ୱାର୍ଡସଭ୍ୟ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ହଳଧର ଶବର ସୂଚନା ଏହି ଦେଇଛନ୍ତି।

ଧରାକୋଟ ବ୍ଲକ ଅଞ୍ଚଳରେ ସରପଞ୍ଚ ପ୍ରାର୍ଥୀ ଭାବେ ଗୁରୁବାର ବିଭିନ୍ନ ପଞ୍ଚାୟତରୁ ୩୦ ଜଣ ଓ ସମିତି ସଭ୍ୟ ଭାବେ ୩୨ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଭାଜପା ତରଫରୁ ୨୯ନଂ ଜିଲା ପରିଷଦ ଜୋନ ପାଇଁ ଅଶୋକ ପାତ୍ର, ୩୦ନଂ ଜୋନ ପାଇଁ କେଶବ ସ୍ୱାଇଁ, ୩୧ନଂ ଜୋନ ପାଇଁ ଅନିତା ପତ୍ରୀ ଦଳର ଯୁବନେତା ଇଂ ପ୍ରଦୀପ କୁମାର ପତ୍ରୀଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ରିଟର୍ନିଂ ଅଫିସରଙ୍କ ପାଖରେ ଦାଖଲ କରିଛନ୍ତି। ଧରାକୋଟ ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ଧରାକୋଟ ରାଜକୁମାରୀ ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ଉପସ୍ଥିତିରେ ବିଡିଓ ଡେନିସ ବେହେରାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶେରଗଡ ବ୍ଲକରେ ୧୪ଟି ଗ୍ରାମ ପଞ୍ଚାୟତରେ ଗୁରୁବାର ମୋଟ ୨୯ ଜଣ ସରପଞ୍ଚ ପଦବୀ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଧବଳପୁର ପଞ୍ଚାୟତରେ ସର୍ବାଧିକ ୬ଜଣ ପ୍ରାର୍ଥୀ ସରପଞ୍ଚ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ୧୩ଟି ପଞ୍ଚାୟତରେ ସମିତିସଭ୍ୟ ପ୍ରାର୍ଥୀ ଭବେ ୧୬ଜଣ ନାମାଙ୍କନ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ମୋଟ ୨୨ ପଞ୍ଚାୟତରୁ ୧୩୮ ଜଣ ୱାର୍ଡ଼ ସଭ୍ୟ ପଦବୀ ଲାଗି ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବିଡ଼ିଓ ଶମ୍ଭୁନାଥ ନନ୍ଦି ସୂଚନା ଦେଇଛନ୍ତି। ଆସିକା ବ୍ଲକରେ ଗୁରୁବାର ମୋଟ ୩୪୮ଟି ନାମାଙ୍କନ ଦାଖଲ ହୋଇଛି। ଏଥି ମଧ୍ୟରୁ ୱାର୍ଡ ମେମ୍ବର ଲାଗି ୨୧୬, ସରପଞ୍ଚ ଲାଗି ୬୨ ଓ ସମିତିସଭ୍ୟ ଲାଗି ୭୦ଟି ନାମାଙ୍କନ ରହିଛି । ତେବେ ବ୍ଲକରେ ସମିତିସଭ୍ୟ ପଦବୀ ଲାଗି ନାମାଙ୍କନ ଦାଖଲ ଲାଗି ପ୍ରାର୍ଥିଙ୍କ ଲମ୍ବା ଧାଡି ରହିଥିଲା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ନାମାଙ୍କନ ପ୍ରକ୍ରିୟା ସରିନଥିବାରୁ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ପ୍ରାର୍ଥିଙ୍କୁ ଟୋକନ ଦିଆଯାଇ ପରେ ନାମାଙ୍କନ ଗ୍ରହଣ କରାଯାଇଥିବା ଦେଖାଯାଇଛି ।

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକର ଚତୁର୍ଥ ଦିନରେ ୱାର୍ଡ ମେମ୍ବର ୩୧, ସରପଞ୍ଚ ୯, ସମିତିସଭ୍ୟ ୯ ଏମିତି ମୋଟ ୪୯ ଜଣ ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରିଥିବା ଜିପିଓ ବିଶିକେଶନ ବେହେରା ସୂଚନା ଦେଇଛନ୍ତି। ସେହିପରି କ.ନୂଆଗାଁ ବ୍ଲକରେ ନାମାଙ୍କନର ଚତୁର୍ଥ ଦିବସରେ ୫୩ ଟି ପ୍ରାର୍ଥିପତ୍ର ଦାଖଲ ହୋଇଥିବା ଜି.ପି.ଓ. ପ୍ରଦୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ୩ ଜିଲା ପରିଷଦ ସଭ୍ୟ ଲାଗି ପ୍ରାର୍ଥିପତ୍ର ଦାଖଲ

ଆର.ଉଦୟଗିରି,୨୦।୧ (ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକରେ ୩ ଜିଲା ପରିଷଦ ଆସନ ରହିଛି। ଗୁରୁବାର ଜିଲା ପରିଷଦ ଆସନ ନିମନ୍ତେ ବିଜେଡି ପ୍ରାର୍ଥିମାନେ ପାରଳାଖେମୁଣ୍ଡି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅଡବା ଜିଲା ପରିଷଦ ଆସନ ନିମନ୍ତେ ଜଣେ ଆଦିବାସୀ ଉଚ୍ଚ ଶିକ୍ଷିତ ମହିଳା ବିଜେଡିରୁ ପ୍ରାର୍ଥି ହୋଇଥିବା ବେଳେ ମୋହନା ୯ନଂ.ଜୋନ୍ ଆସନ ପାଇଁ ଚନ୍ଦ୍ର କୁମାର ମଲ୍ଲିକ ବିଜେଡି ପ୍ରାର୍ଥି ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଚନ୍ଦ୍ରଗିରି ଆସନ ନିମନ୍ତେ ବିଜେଡି ପ୍ରାର୍ଥି ଭାବେ ସ୍ଥାନୀୟ ସ୍ୱେଚ୍ଛାସେବୀ ତଥା ଯୁବ ନେତା ସୁନୀଲ କୁମାର ବିଷୋୟୀ ନିଜ ସମର୍ଥକଙ୍କ ସହ ଯାଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ପ୍ରାର୍ଥି ପତ୍ର ଦାଖଲ ସମୟରେ ବିଜେଡି ଜିଲା ସଭାପତି ପ୍ରଦୀପ କୁମାର ନାୟକ, ଆଦିବାସୀ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ବିଜେଡି ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।